◆ Bhubaneswar, August 16-31, 2026
◆ ଭୁବନେଶ୍ୱର, ଅଗଷ୍ଟ ୧୬-୩୧, ୨୦୨୬
◆ Vol. -09 ◆ Issue -17
◆ ଭାଗ-୦୯ ◆ ସଂଖ୍ୟା-୧୭
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com


# ପ୍ରତିଶବ୍ଦ

## The Pratishabda

**ଅଭିନନ୍ଦନ**

୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ପ୍ରତିଶବ୍ଦ' ତା'ର ସମସ୍ତ ପାଠକ/ପାଠିକା, ଲେଖକ/ଲେଖିକା, ବିଜ୍ଞାପନଦାତା ଓ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । - ସମ୍ପାଦିକା

# ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନିଅନ୍ତୁ: ରାଜ୍ୟପାଳ

(ଜୀତେନ୍ଦ୍ର ପତି)

ଭୁବନେଶ୍ୱର: ଓଡ଼ିଶାର ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନେବାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ଓ ଏତତବ୍ୟତୀତ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା, ଅକ୍ଷୟ ଶକ୍ତିର ପ୍ରସାର, ସ୍ଥାୟୀ କୃଷି ଓ ରୋଜଗାର ସୃଷ୍ଟି ଦିଗରେ ଯୁବପିଢ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ସୋମବାର ଦିନ ଜଟଣୀସ୍ଥିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା କନଫରେନ୍ସ ଅଫ ୟୁଥ ୪.୦ କୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି ।



ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାର ଭବିଷ୍ୟତକୁ କେବଳ ଉତ୍ତରାଧିକାର ସୂତ୍ରରେ ନେବାକୁ ଯୁବପିଢ଼ି ଆବଶ୍ୟକ ନୁହେଁ ବରଂ ନିଜ ହାତରେ ଭବିଷ୍ୟତ ଗଢ଼ିବାକୁ ସକ୍ଷମ ଯୁବଶକ୍ତି ଆବଶ୍ୟକ।

ରାଜ୍ୟପାଳ କହିଥିଲେ ଯେ, ଗତବର୍ଷ ସମାରୋହରେ ସେ ଯୁବପିଢ଼ିଙ୍କୁ ଜଳବାୟୁ ସହନଶୀଳତାର ନିର୍ମାତା ହେବାକୁ ଆହ୍ୱାନ ଜଣାଇ ଥିଲେ। ଏବେ ସେହି ଆହ୍ୱାନକୁ ଆହୁରି ଆଗକୁ ନେଇ ଯୁବପିଢ଼ିଙ୍କୁ କେବଳ ନୀତିର ନିଷ୍କ୍ରିୟ ଗ୍ରହୀତା ନୁହେଁ, ବରଂ ସମାଧାନର ସ୍ଥପତି ହେବାକୁ ପଡ଼ିବ। ଯୁବପିଢ଼ିଙ୍କ ଶକ୍ତି ଓ ସୃଜନଶୀଳତାକୁ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିପାରିଲେ 'ବିକଶିତ ଭାରତ @୨୦୪୭' ର ଲକ୍ଷ୍ୟ ବାସ୍ତବ ରୂପ ନେବ ବୋଲି ରାଜ୍ୟପାଳ କହିଥିଲେ।

ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ନୁହେଁ ବୋଲି ଦର୍ଶାଇ ରାଜ୍ୟପାଳ କହିଥିଲେ ଯେ,ଗ୍ରୀଷ୍ମପ୍ରବାହ, ଅନିୟମିତ ବର୍ଷା, ବନ୍ୟା, ବାତ୍ୟା ଓ ସମୁଦ୍ର ପତ୍ତନ ବୃଦ୍ଧି ଚାଷ ଓ ଜୀବିକାକୁ ପ୍ରଭାବିତ କରୁଛି। ତେଣୁ ଜଳବାୟୁ ସହନଶୀଳତା କେବଳ ପରିବେଶ ସୁରକ୍ଷାର ଦାୟିତ୍ୱ ନୁହେଁ, ଏହା ମାନବୀୟ ମର୍ଯ୍ୟାଦା ଓ ଆଗାମୀ ପିଢ଼ି ପ୍ରତି ଦାୟିତ୍ୱ ବୋଲି କହିଥିଲେ।

ବାତ୍ୟା ଓ ବନ୍ୟା ମୁକାବିଲାରେ ଓଡ଼ିଶାର ଅଭିଜ୍ଞତା, ଜଙ୍ଗଲ ଓ ଜୈବ ବିବିଧତା ସଂରକ୍ଷଣ ଉଦ୍ୟମ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏବେ କେବଳ ବିପର୍ଯ୍ୟୟ ପ୍ରସ୍ତୁତିରେ ସୀମିତ ନ ରହି ଜଳବାୟୁ ସହନଶୀଳ ସମୁଦାୟ ଗଠନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

ଫୁଲବାଣୀରେ ସିଡ୍ ବଲ କାର୍ଯ୍ୟକ୍ରମ, ଜଟଣୀ ଓ ଖଲ୍ଲିକୋଟରେ ବୃକ୍ଷରୋପଣ, ପୁରୀରେ ବ୍ଲୁ ଫ୍ଲାଗ ବିଚ୍ ପଦକ୍ଷେପ ଏବଂ ଶିମିଳିପାଳରେ ଜଳବାୟୁ ସଚେତନତା ଭଳି ଯୁବନେତୃତ୍ୱାଧୀନ ପଦକ୍ଷେପ କିପରି ବ୍ୟାପକ ପରିବର୍ତ୍ତନ ଆଣିପାରେ ଏହା ତାହାର ଉଦାହରଣ ବୋଲି ରାଜ୍ୟପାଳ କହିଥିଲେ। ୩-ଆର ନୀତି 'ଜରୟଙ୍କମର, ଜରଙ୍କସ୍ୱର ବଭୟ ଜରମଛମକ୍ଷର'ର ସହ 'ମିଶନ ଲାଇଫ '‌କୁ ଜୀବନଶୈଳୀର ଅଂଶ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।

'Mission ୩୦ ଭଛ ୩୦' ର ଆହ୍ୱାନ ଦେଇ ରାଜ୍ୟପାଳ ୨୦୩୦ ସୁଦ୍ଧା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଜଳବାୟୁ ସହନଶୀଳତା କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ଯୁବପିଢ଼ିଙ୍କୁ କହିବା ସହ ସ୍ଥାନୀୟ ଜ୍ଞାନକୌଶଳ ସହ ବିଜ୍ଞାନ ଓ ପ୍ରଯୁକ୍ତିକୁ ଯୋଡ଼ି ଜିଲ୍ଲାଭିତ୍ତିକ ପରିବେଶ ସମସ୍ୟାର ସମାଧାନ ଖୋଜିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।ତିନିଦିନିଆ ୟୁଥ୍ ପାର୍ଲାମେଣ୍ଟ ଓ ଜିଲ୍ଲାସ୍ତରୀୟ ଆଲୋଚନାରେ କେବଳ ସମସ୍ୟା ଉପରେ ଚର୍ଚ୍ଚା ନକରି ସମାଧାନର ରୂପରେଖ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଯୁବପିଢ଼ିଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରୁ ଯୁବପିଢ଼ି 'ସ୍ଥାୟୀତ୍ୱର ଦୂତ, ଜଳବାୟୁ ସହନଶୀଳତାର ଚାମ୍ପିଅନ ଓ ପରିବର୍ତ୍ତନର ପ୍ରତିନିଧି' ଭାବେ ଉଭା ହୁଅନ୍ତୁ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ।

ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ଭାରତର ନିର୍ଭରଶୀଳତା ପ୍ରସଙ୍ଗରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ସ୍ଥାୟୀ ଜୀବନଶୈଳୀ ଭାରତର ଶକ୍ତି ସୁରକ୍ଷା ସହ ଜଡ଼ିତ। ସ୍ଥାୟୀ ଯାତାୟାତକୁ ପ୍ରୋତ୍ସାହନ ଦେବା ସହ ଧୀରେ ଧୀରେ ବୈଦ୍ୟୁତିକ ଯାନ ଆପଣାଇବାକୁ ରାଜ୍ୟପାଳ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ। ଏହାଦ୍ୱାରା ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମିବା ସହ ଶକ୍ତି ସୁରକ୍ଷା ବଢ଼ିବ ଏବଂ ବିଦେଶୀ ମୁଦ୍ରା ଉପରେ ଚାପ ହ୍ରାସ ପାଇବ ବୋଲି ସେ କହିଥିଲେ। ରାଜ୍ୟପାଳଙ୍କ ସରକାରୀ କାରକେଡରେ ବୈଦ୍ୟୁତିକ ଯାନ ସାମିଲ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ।ଏହି ଅବସରରେ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର (ପୃଷ୍ଠା-୨ ଦେଖନ୍ତୁ)

# ଜୁଲାଇ ସୁଦ୍ଧା ରାଜସ୍ୱ ଆଦାୟ ୨୦.୨% ବୃଦ୍ଧି




ଭୁବନେଶ୍ୱର, (ନି.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ୭.୩% ଅଧିକ ରହିଛି । ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯% ଅଧିକ ରହିଛି । ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି ।

ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା । ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮% ।

ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି । ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସମ୍ପାଦକୀୟ

# ଜେନ୍-ଜେଡ୍ ଓ ମହିଳା ସଂରକ୍ଷଣ

ଦିଲ୍ଲୀରେ ଛାତ୍ର-ଯୁବକଙ୍କ ଉପରେ ପୋଲିସର ଅମାନୁଷିକ ଦମନ ଲୀଳା ନେଇ ବିରୋଧି ଦଳର ଲଗାତାର ହଟ୍ଟଗୋଳ ଯୋଗୁଁ ଗୃହରେ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି ସଂସଦର ଗତ ଦୁଇ ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନିକ ବିଲ୍ ଗୃହୀତ କରାଇବାରେ ସରକାର ଅସଫଳ ହେବା ପରେ ଏବେ ପୁଣି ସେଗୁଡିକୁ ଅନୁମୋଦିତ କରାଇବା ଯୋଜନା କରିଥିବା ପ୍ରକାଶ। ଗୋଟିଏ ପଟେ ସଂସଦରେ ଅଚଳାବସ୍ଥା ଲାଗି ରହିଥିବାବେଳେ ଅନ୍ୟପଟେ ସ୍ୱତନ୍ତ୍ର ଅଧିବେଶନ ଡକାଇ ସରକାର ବିଲ୍‌ଗୁଡିକ ଅନୁମୋଦିତ କରାଇବା ପାଇଁ ପୁନର୍ବାର ପ୍ରୟାସ କରିବା ନିଶ୍ଚିତ ଭାବେ ପାର୍ଲିଆମେଂଟ ଏକ ମହତ୍ୱପୂର୍ଣ୍ଣ ମୋଡରେ ପଦାର୍ପଣ କରିଛି ବୋଲି କୁହାଯାଇପାରିବ। ଅବଶ୍ୟ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟ ପଟ୍ଟରେ ଶାସକ ଦଳର ଗାଣିତିକ ସଂଖ୍ୟା ବୃଦ୍ଧି ପାଇଛି। ତୃଣମୂଳ କଂଗ୍ରେସର ବିଭାଜନ ପରେ ୨୦ଜଣ ସାଂସଦ ଓ ଶିବସେନାର ୬ଜଣ ସାଂସଦଙ୍କ ସହ ୪୫ଜଣ ନୂତନ ସାଂସଦ ଇତିମଧ୍ୟରେ ବିଜେପି ନେତୃତ୍ୱରେ ଗଠିତ ଏନଡିଏରେ ସାମିଲ ହୋଇଛନ୍ତି। ଆସନ୍ତା ୧୬ ଓ ୧୭ ତାରିଖରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇବା ପାଇଁ ସରକାର ଯୋଜନା କରୁଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ଯୋର ଧରିଥିବା ବେଳେ ଏନେଇ ସରକାରୀ ଭାବେ କୌଣସି ସ୍ୱଷ୍ଟ ସୂଚନା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ୨୦୩୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା ନକରି ୨୦୨୯ ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ପାଇଁ ବହୁ ଚର୍ଚ୍ଚିତ 'ନାରୀ ଶକ୍ତି ବିଧାନ ଅଧିନିୟମ-୨୦୨୩' ଆଇନକୁ ଲାଗୁ କରିବା ପାଇଁ ସରକାର ଅତ୍ୟନ୍ତ ତରବରିଆ ଅଛନ୍ତି। ଏଥିଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ତଥା ନିର୍ବାଚନମଣ୍ଡଳୀ ସୀମା ପୁନର୍ନିର୍ଦ୍ଧାରଣ ବିଲ୍-୨୦୨୬ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୬ ଏବଂ କେନ୍ଦ୍ରଶାସିତ ଆଇନ(ସଂଶୋଧନ) ବିଲ୍-୨୦୨୬କୁ ସଂସଦର ଅନୁମୋଦନ କରିବା ପାଇଁ ସରକାର ପୁଣି ଥରେ ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଯୋଜନା କରିଛନ୍ତି। ଏଥିପାଇଁ ସରକାର ବିରୋଧିଦଳମାନଙ୍କର ସହମତି ଏବଂ ସମର୍ଥନ ପାଇଁ ଉଦ୍ୟମ କରିଥିବା ସତ୍ତ୍ୱେ କୌଣସି ସୁଫଳ ମିଳିନଥିବା ଜଣାଯାଏ। କିନ୍ତୁ ଆବଶ୍ୟକୀୟ ଦୁଇ ତୃତୀୟାଂଶ ସମର୍ଥନ ନେଇ ବିଲ୍ ଗୁଡିକ ଏବେ କାଟ୍ ଖାଇବା ଆଶଙ୍କାରେ ଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବହୁଚର୍ଚ୍ଚିତ ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ବ୍ୟାଙ୍ଗାତ୍ମକ ଏବଂ ପ୍ରଭାବଶାଳୀ କକ୍ରୋଜ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଜେନଜେଡ ଆନ୍ଦୋଳନ ଏକ ଅକଳ୍ପନୀୟ ସଫଳତା ହାସଲ କରିଛି। ପ୍ରଥମତଃ ଦୀର୍ଘ ଦିନ ଧରି ଜନସାଧାରଣଙ୍କ ଜୀବନରେ ଥିବା ଭୟ ଓ ଆତଙ୍କର ଛାୟାକୁ ଦୂର କରିବାରେ ସଫଳ ହୋଇଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରମାଣିତ କରିଛି ଯେ, ଭାରତୀୟ ଯୁବ ସମାଜ ସଫଳତାର ସହ ଶିକ୍ଷା ଓ ଶ୍ରେଣୀକକ୍ଷର ସମ୍ବଳଗୁଡିକ ପାଇଁ ବ୍ୟବସ୍ଥାଗତ ଉତରଦାୟିତ୍ୱ ଦାବି କରିପାରିବ। ଆନ୍ଦୋଳନରେ ସଂଖ୍ୟାଧିକ ସଂଖ୍ୟକ ଛାତ୍ରୀ ଓ ଯୁବତୀ ସାମିଲ୍ ହୋଇଥିଲେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି , ସିଜେପିର ୫ଟି ମୁଖ୍ୟ ଦାବି ମଧ୍ୟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ସ୍ୱଷ୍ଟ ଭାବେ ଆହ୍ୱାନ ରହିଛି। ପାର୍ଲିଆମେଂଟ ସାଂପ୍ରତିକ ଆସନ ସଂଖ୍ୟା ବୃଦ୍ଧି ନକରି ତୁରନ୍ତ ଏହା ଲାଗୁ କରିବା ପାଇଁ ଦାବି ରହିଛି। ସେହିପରି କ୍ୟାବିନେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ପାଇଁ ଦାବି କରିଛି। ଏହାକୁ ସ୍ଥିଗତ ନରଖି ମହିଳାଙ୍କ ପାଇଁ୫୦ପ୍ରତିଶତ ସଂରକ୍ଷଣ ଦାବି ବଳବତର ରଖିଛି। ଇତିମଧ୍ୟରେ ସିଜେପିର ୫ଟି ଦାବି ମଧ୍ୟରୁ ୩ଟି ଦାବିକୁ ସରକାର ଗ୍ରହଣ କରି ନେଇଥିବାବେଳେ ମହିଳାଙ୍କ ପାଇଁ ଲୋକସଭା, ବିଧାନସଭା ଓ କ୍ୟାବିନେଟରେ ୫୦ ପ୍ରତିଶତ ସଂରକ୍ଷଣ ଦାବି ମୁଖ୍ୟ ଦାବି ଭାବେ ଉଭା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ପଂଚାୟତରାଜ ଅନୁଷ୍ଠାନରେ ୫୦ପ୍ରତିଶତ ଆସନ ସଂରକ୍ଷଣ ନିୟମ ରହିଛି। ୫୦ ପ୍ରତିଶତ ତ୍ରିସ୍ତରୀୟ ପଂଚାୟତ ରାଜ ଏବଂ ସହରାଂଚଳ ସ୍ୱାୟତ ଶାସନ ସଂସ୍ଥାରେ ମୁଖ୍ୟ ପଦବୀ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଦେଶରେ ତୃଣମୂଳ ସ୍ତରରେ ଥିବା ପଂଚାୟତିରାଜ ଅନୁଷ୍ଠାନ ଓ ସ୍ୱାୟତ ଶାସନ ସଂସ୍ଥାଗୁଡିକରେ ଏବେ ୧.୪ ମିଲିଅନ ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି। ସେମାନଙ୍କ କାର୍ଯ୍ୟଦକ୍ଷତା ମଧ୍ୟ କିଛି କମ୍ ନୁହେଁ। ତେଲେଙ୍ଗାନାର ମହିଳା ସରପଂଚମାନେ ଗ୍ରାମାଚଂଳରେ ମଦ ଦୋକାନ ବନ୍ଦ କରିଥିବାବେଳେ ଉତରପ୍ରଦେଶରେ ଯୌତୁକ ବିହିନ ବିବାହ ଏବଂ ମହାରାଷ୍ଟ୍ରରେ କାଉନସିଲରମାନେ ବିଧବାଙ୍କ ପ୍ରତି ଅମାନୁଷିକ ଓ ରକ୍ଷଣାଶୀଳ ସାମାଜିକ ପ୍ରଥାକୁ ଉଚ୍ଛେଦ କରିବାରେ ସମର୍ଥ ହୋଇଛି। ଓଡିଶାରେ ଗ୍ରାମାଚଂଳରେ ମଦଭାଟି ଭାଙ୍ଗିବାରେ ଅଗ୍ରଣୀ ଭୂମିକା ନେଇଛନ୍ତି। ସେହିପରି ସରପଂଚରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ସାବିତ୍ରୀ ଠାକୁର ଏବଂ ରେଖା ନିଖିଲ ଖଡକେ ଏବେ କେନ୍ଦ୍ରମନ୍ତ୍ରୀ ସରପଂଚରୁ ପାର୍ଲିଆମେଂଟ ଯାତ୍ରା ପର୍ଯ୍ୟନ୍ତ ସେମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି କେନ୍ଦ୍ର ମନ୍ତ୍ରୀ ହୋଇପାରିଛନ୍ତି। ଆମଦେଶରେ ମହିଳାଙ୍କ ଠାରେ ଶାସନ କଳାର ଅଭାବ ନାହିଁ ଏହା ପ୍ରମାଣିତ କରେ। ଜେନ-ଜେଡ ଆନ୍ଦୋଳନ ପ୍ରତି ବିରୋଧ ଦଳଗୁଡିକର ସମର୍ଥନ ରହିଥିବାବେଳେ ପାର୍ଲିଆମେଣ୍ଟ ଓ ଜେନ-ଜେଡକୁ ମହିଳାମାନେ ହିଁ ଏକାଠି କରିପାରିବା ଆଶା କରାଯାଏ।

## ଯୁବପିଢ଼ି ଜଳବାୟୁ ସହନଶୀଳତା ...

କୁଳପତି ଡ. ଫାଦର କେ. ଏସ୍. କାସିମିର୍ ଏସ୍‌ଜେ, ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଜେନେରାଲ୍ ମ୍ୟାନେଜର ତଥା ESG ଆମ୍ବାସାଡର ହର୍ଷା ଭରଦା, ୟୁନିସେଫ୍ ଓଡ଼ିଶାର ଫିଲ୍ଡ ଅଫିସର ମୁଖ୍ୟ ପ୍ରଶାନ୍ତ କୁମାର ଦାଶ ଏବଂ ସମ୍ଭବର ସହ-ପ୍ରତିଷ୍ଠାତା ସାବରମତୀ ଅପା ମଧ୍ୟ ଉଦବୋଧନ ଦେଇଥିଲେ। ୟୁନିସେଫ୍ ଓଡ଼ିଶାର WASH-CCES ବିଶେଷଜ୍ଞ ସିପ୍ରା ସକ୍‌ସେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ Youth4Water Pluse ନିର୍ଦ୍ଦେଶକ ବ୍‌ଲୋରିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା

**ଡକ୍ଟର ତପନ କୁମାର ପାଲ**

ରାଣୀ ଚେନାମ୍ମା : ୧୮୨୪ରେ କିଞ୍ଚୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଈ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ଥ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଈ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଈଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଈ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଈ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଈଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଈ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅଓ୍ୱଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ 'ଝରଣାର ପାଣି' ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ୱାଦେଦର : ୧୯୧୧ ମେ' ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା' ପ୍ରତିଭା ୱାଦେଦର ସ୍ଥାନୀୟ ବିପ୍ଳବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା ।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା' ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଳବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗିରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ



ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରୋଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗରିଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ଋଷିକେଷରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ 'ପୂଣ୍ୟାଶ୍ରମ' ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବୈଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ ଦେଲେ ମଧ୍ୟ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ରୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧ୍ୟକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ।

କମଳାଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକର ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଳିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ରଖିଥିଲେ । ସେ ମହାତ୍ମା ଗାନ୍ଧି, ଜବାହାରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁ ଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ି ଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାରଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,**
**ଷ୍ଟାଫ କଲୋନୀ, ଦେଉଳ ସାହି,**
**ତୁଳସୀପୁର, କଟକ,**
**ଦୂରଭାଷ : ୯୯୩୭୬୫୮୩୬୨**



## କାନ୍ଧରେ କାନ୍ଧେଇ କାଉଡି ଭାର ଭକ୍ତ ଧାଇଁ ଯାଏ ଶିବ ମନ୍ଦିର

**ଶ୍ୟାମା ପ୍ରସାଦ୍ ବୋଷ୍**



କାନ୍ଧରେ କାନ୍ଧେଇ ବାହୁଙ୍ଗୀର ଭାର
ବୋଲ୍ ବମ୍ ନାରା ଦେଇ
ଭକ୍ତ ଧାଇଁ ଯାଏ ଶିବ ମନ୍ଦିର କୁ
ମନୋକାମନା କୁ ନେଇ ।

କାଉଡିଆ କାନ୍ଧେ ବାହୁଙ୍ଗୀ ର ଭାର
କାଉଡିଆ ଭାଇ ନେଇ
ଶିବ ପଞ୍ଚାକ୍ଷର ସେ ଅମୃତର ଝର
ଝରାଏ ସେ ନାରା ଦେଇ ।

ଶ୍ରାବଣ ମାସରେ ପବିତ୍ର ଭାବରେ
କାଉଡିଆ ରହିଥାଇ
ଶିବ ଭକତିରେ ଶ୍ରାବଣୀ ଭାରାରେ
ଜଳ ଲାଗି କରେ ଯାଇ ।

ବୋଲ୍ ବମ୍ ଡାକେ ହୃଦୟ ପୁଲକେ
ଭାବ ଭକତିରେ ସେଇ
ନିଷ୍ଠା ପର ଭାବେ କାଉଡିଆ ସର୍ବେ
କାନ୍ଧରେ ବାହୁଙ୍ଗୀ ନେଇ ।

ଶିବ ଜ୍ଞାନେ ଜୀବ ମୁକତି ଲଭଇ
ଶିବ ପଞ୍ଚାକ୍ଷରୀ ଗାଇ
ଓଁ ନମଃ ଶିବାୟ ଅମୃତର ଝର
ତୁଣ୍ଡେ ଭକ୍ତ ବରଷାଇ ।

ମନରେ ସଂକଳ୍ପ କରି କାଉଡିଆ
ଜଳ ଭାର କାନ୍ଧେ ନେଇ
ପବିତ୍ର ଜଳରେ ଶିବ ମୁଣ୍ଡେ ଢାଳି
ଯାଏ ସେ କୃତାର୍ଥ ହେଇ ।

ଗଗନ ,ପବନ ପ୍ରକମ୍ପିତ ହୁଏ
ଶିବ ପଞ୍ଚାକ୍ଷରୀ ଗାଇ
କାଉଡିଆ ଭାଇ ଶିବ କୃପା ଧ୍ୟାଇ
ଶିବ ଧାମ ଥାଏ ଯାଇ ।

କାଉଡିଆ କାନ୍ଧେ ବାହୁଙ୍ଗୀ ର ଭାର
କେତେ ଶୋଭାବନ ଥାଇ
ଶିବ ପଞ୍ଚାକ୍ଷର ସେ ଅମୃତ ଝର
ଝର ଝର ଝରି ଯାଇ ।

**ଗ୍ରାମ :- ବେଗୁନିଆଁ , ମଲ୍ଲୀକ୍ ସାହି**
**ପୋଷ୍ଟ :- ଗୋପ୍ , ଜିଲ୍ଲା :- ପୁରୀ**

## ରାକ୍ଷୀ

ଚିଡ଼ଉ ଅମାସ୍ୟା ଲଗେଇ ଦେଇ
କହିଲା ଦେଖହେ ଓଡିଆ ଭାଇ
କାଳିଆ ମଥାରେ ଲାଗିବ ଚିତା
କାଳିଆ ନୁହେଁ ସେ ଜଗତ ଜିତା
ଚିତାଇ ମହତ୍ୱ ଜାଣିଛି ଯିଏ
ସୁଜ୍ଞାନି ମଣିଷ ଅଟଇ ସିଏ।
ଆସୁଅଛି ରାକ୍ଷୀ ସମ୍ଭାର ଧରି
ରଙ୍ଗ ବେରଙ୍ଗରେ ଦେବକି ଭରି
ବରଷକୁଥରେ ଆସଇ ରାକ୍ଷୀ
ଭାଇଭଉଣୀର ସେନେହ ଦେଖି
ବଳଦେବ ଜନ୍ମ ଗୋପ ପୁରରେ
ଲଙ୍ଗଳ ମୁଷଳ ଧରିଣ କରେ ।
ରାକ୍ଷୀ ଆସିଯାଏ ବର୍ଷକୁ ଥରେ
କେତେ ପିଠା ପଣା ଓଡଆ ଘରେ
ଶୁଭା ମନା ସି ମୁଁ ବାନ୍ଧିଲି ରାକ୍ଷୀ
ବଳଦେବ ଜିଉ ରହିଲେ ସାକ୍ଷୀ
କଥାରେ କଥା, ସମୟ ପାଇଲେ
ଲେଖେ କବିତା ।



**ଗୁପ୍ତଚନ୍ଦ୍ର ପଟ୍ଟନାୟକ**
**ରାଜ-ଜଗନ୍ନାଥପୁର,ନନ୍ଦାହାଣ୍ଡି,**
**ନବରଙ୍ଗପୁର, ଫୋନ-୯୩୪୮୦୩୩୫୮୦**



# ସପ୍ତାହକୁ ଅନ୍ତତଃ ଥରେ ହାତବୁଣା ବସ୍ତ୍ର ପିନ୍ଧି ବୁଣାକାରଙ୍କୁ ସମର୍ଥନ ଦିଅନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର : ହସ୍ତତନ୍ତକୁ ଜୀବନଶୈଳୀର ଅଂଶ କରିବା ସହ ସପ୍ତାହକୁ ଅନ୍ତତଃ ଥରେ ହାତବୁଣା ବସ୍ତ୍ର ପରିଧାନ କରି ବୁଣାକାରଙ୍କୁ ସମର୍ଥନ ଦେବା ପାଇଁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

ଶୁକ୍ରବାର ଦିନ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଦ୍ୱାଦଶ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ କହିଥିଲେ ଯେ ସରକାରୀ ଅଧିକାରୀ, ଜନପ୍ରତିନିଧି, ଶିକ୍ଷକ, ବିଭିନ୍ନ କ୍ଷେତ୍ରର ପେଶାଦାର ଓ ଯୁବପିଢ଼ି ଓଡ଼ିଶାର ହସ୍ତତନ୍ତ ଉତ୍ପାଦକୁ ବ୍ୟବହାର କରି ଉଦାହରଣ ସୃଷ୍ଟି କରିବା ଉଚିତ। ଏଭଳି ଏକ ସରଳ ବ୍ୟକ୍ତିଗତ ପ୍ରତିବଦ୍ଧତା ରାଜ୍ୟର ହଜାର ହଜାର ବୁଣାକାର ପରିବାରକୁ ସହାୟତା କରିବାରେ ଏକ ବଡ଼ ଆନ୍ଦୋଳନର ରୂପ ନେଇ ପାରିବ ବୋଲି ରାଜ୍ୟପାଳ କହିଥିଲେ । ହାତବୁଣା ବସ୍ତ୍ରର ସାଂସ୍କୃତିକ ଓ ଆର୍ଥିକ ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ରରେ ବୁଣାକାରଙ୍କ ଦକ୍ଷତା, ପରିଶ୍ରମ, ପାରିବାରିକ ପରମ୍ପରା ଓ ସୃଜନଶୀଳତାର କାହାଣୀ ରହିଥାଏ। ମେସିନ ତିଆରି ବସ୍ତ୍ର ତୁଳନାରେ ହାତବୁଣା ବସ୍ତ୍ରରେ କାରିଗରଙ୍କ ବ୍ୟକ୍ତିଗତ ସ୍ପର୍ଶ ଓ ନିଷ୍ଠା ପ୍ରତିଫଳିତ ହୁଏ।

ପୁଣି ରାଜ୍ୟପାଳ କହିଥିଲେ ଯେ କହିଥିଲେ ଯେ ହସ୍ତତନ୍ତ ଉତ୍ପାଦ କିଣିବା ଅର୍ଥ କେବଳ ଏକ କପଡ଼ା କିଣିବା ନୁହେଁ। ଏହା ଏକ ପରିବାରକୁ ସମର୍ଥନ, ଗ୍ରାମୀଣ ରୋଜଗାରକୁ ସୁଦୃଢ଼, ମହିଳାଙ୍କୁ ସଶକ୍ତ କରିବା ସହ ପାରମ୍ପରିକ ଜ୍ଞାନର ସୁରକ୍ଷା ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବ।

ଜାତୀୟ ହସ୍ତତନ୍ତ ଦିବସ ଭାରତର ସଭ୍ୟତା, ସଂସ୍କୃତି ଓ ଶତାବ୍ଦୀ ଧରି ବୟନ ପରମ୍ପରାକୁ ସୁରକ୍ଷିତ ରଖିଥିବା କାରିଗରଙ୍କ ପ୍ରତି ସମ୍ମାନ। ପ୍ରତିବର୍ଷ ଅଗଷ୍ଟ ୭ରେ ପାଳିତ ଏହି ଦିବସ ୧୯୦୫ ମସିହାର ସ୍ୱଦେଶୀ ଆନ୍ଦୋଳନକୁ ସ୍ମରଣ କରାଇ ଦିଏ, ଯେଉଁଥିରେ ହାତବୁଣା ବସ୍ତ୍ର ସ୍ୱାବଲମ୍ବନଶୀଳତା ଓ ଜାତୀୟ ଗର୍ବର ପ୍ରତୀକ ବୋଲି ରାଜ୍ୟପାଳ କହିଥିଲେ।

ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରା ବିଷୟରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ପରମ୍ପରା ସହ ଏହାର ମୂଳ ଜଡ଼ିତ। ସମ୍ବଲପୁରୀ ବାନ୍ଧ, ଓଡ଼ିଶା ଇକତ, ବମକାଇ, ଖଣ୍ଡୁଆ, କୋଟପାଡ଼, ହବାସପୁରୀ, ବ୍ରହ୍ମପୁର ପାଟ ଓ ଗୋପାଳପୁର ଟସର ଭଳି ହସ୍ତତନ୍ତ ଉତ୍ପାଦ ନିଜସ୍ୱ ଡିଜାଇନ ଓ କାରିଗରୀ ପାଇଁ ବିଶ୍ୱସ୍ତରରେ ପରିଚିତ।

ଚଳିତ ବର୍ଷର ବିଷୟବସ୍ତୁ "ପ୍ରତ୍ୟେକଙ୍କ ଜୀବନରେ ହସ୍ତତନ୍ତର ଏକ ଅଂଶ" ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ହସ୍ତତନ୍ତ କେବଳ ବିଶେଷ ଅବସରରେ ସୀମିତ ନ ରହି ପୋଷାକ, ଘର ସାଜସଜ୍ଜା ସାମଗ୍ରୀ ଓ ଅନ୍ୟାନ୍ୟ ଉତ୍ପାଦ ମାଧ୍ୟମରେ ଦୈନନ୍ଦିନ ଜୀବନର ଅଂଶ ହେବା ଉଚିତ। ହସ୍ତତନ୍ତ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ଡିଜାଇନରେ ନୂତନତା, ଡିଜିଟାଲ ମାର୍କେଟିଂ, ପର୍ଯ୍ୟଟନ ସହ ସଂଯୁକ୍ତ, ପ୍ରତିଷ୍ଠାନଗତ ସହାୟତା ଓ ପ୍ରଯୁକ୍ତିଭିତ୍ତିକ ଉତ୍ପାଦ ଅନୁସରଣଯୋଗ୍ୟତା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ରାଜ୍ୟ ହସ୍ତତନ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ବୁଣାକାରମାନେ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟର ରକ୍ଷକ। ଓଡ଼ିଶାର ହସ୍ତତନ୍ତ କ୍ଷେତ୍ର ଆଗାମୀ ଦିନରେ ରାଜ୍ୟର ପରିଚୟ, ସୃଜନଶୀଳତା ଓ ଉତ୍କର୍ଷତାକୁ ବିଶ୍ୱ ମଞ୍ଚରେ ପ୍ରଦର୍ଶନ କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ "କୁସୁମ୍ - ହଜିଯାଇଥିବା ବସ୍ତ୍ରର ପୁନରୁଦ୍ଧାର" ଓ "କରୁଣା ସିଲ୍କ" ଉପରେ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଜଗତସିଂହପୁରର କାଷ୍ଠା ହସ୍ତତନ୍ତ ଭବନ, ଯାଜପୁର ସୁକିନ୍ଦାରେ ଟସର ସିଲ୍କ ପାର୍କ (ପ୍ରଥମ ପର୍ଯ୍ୟାୟ) ଓ ଟସର ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଖୋର୍ଦ୍ଧା ରାଉତପଡ଼ାସ୍ଥିତ ଫ୍ୟାବ୍ରିକ କ୍ୟାଲେଣ୍ଡରିଂ ୟୁନିଟ୍ର ଭର୍ଚୁଆଲ ଉଦ୍ଘାଟନ କରାଯାଇଥିଲା।

ଏହି ଅବସରରେ ଗ୍ରାସିମ୍ ଇଣ୍ଡିଆ ଲିମିଟେଡ୍, ଜୁବି'ସ୍ ଡିଜାଇନର ଷ୍ଟୁଡିଓ ଓ ଆମାଜନ କାରିଗର ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ୨୦୨୫-୨୬ ବର୍ଷର କାର୍ଯ୍ୟାବଳୀ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା।

ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ। ବିଭାଗୀୟ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା କେନ୍ଦ୍ର ତଥା ପାଠାଗାରକୁ ପରିଦର୍ଶନ କଲେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା



ଝାରସୁଗୁଡ଼ା( ନି ପ୍ର) : ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ତଥା ଉପ ନିର୍ଦ୍ଦେଶିକା ସମ୍ବଲପୁର ଡିଭିଜନ (ଅତିରିକ୍ତ ଦାୟିତ୍ୱ) କଲ୍ୟାଣୀ ଦାଶ ଗତ ୨୨ ତାରିଖ ଜିଲ୍ଲା ସଂସ୍କୃତି ବିଭାଗ ସ୍ଥିତ ସୂଚନା କେନ୍ଦ୍ର ତଥା ପାଠକ୍ଷଗାରକୁ ସୌଜନ୍ୟମୂଳକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେ ପାଠାଗାରର ଉନ୍ନତ ଭିତ୍ତିଭୂମି, ସୁସଜ୍ଜିତ ବ୍ୟବସ୍ଥା, ପାଠକ ପାଠିକାଙ୍କ ବହି ରଖିବା ପାଇଁ ଉପଲବ୍ଧ ଲକର ସିଷ୍ଟମ, ମନୋରମ ଅଧ୍ୟୟନ ପରିବେଶ ତଥା ପରିବେଶ ର ସ୍ୱଚ୍ଛତା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ସେ ପାଠକମାନଙ୍କ ଉପସ୍ଥାନ ରେଜିଷ୍ଟର, ଖବରକାଗଜ ଓ ପତ୍ରିକା ରେଜିଷ୍ଟରର ସମୀକ୍ଷା କରିବା ସହ ପାଠାଗାରର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ।ଏହା ସହିତ ସେ ପାଠକଙ୍କ ସହ ଆଲୋଚନା କରି ପାଠାଗାରରେ ଉପଲବ୍ଧ ବିଭିନ୍ନ ପାଠକ-ଉପଯୋଗୀ ସୁବିଧା ସମ୍ପର୍କରେ ମତାମତ ସଂଗ୍ରହ କରିଥିଲେ। ପାଠକମାନଙ୍କ ସୁବିଧା ପାଇଁ ପାଠାଗାର ପରିସରରେ ଉପଲବ୍ଧ କାଫେ ସୁବିଧାକୁ ମଧ୍ୟ ସେ ପ୍ରଶଂସା କରି ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ।ଏହି ପରିଦର୍ଶନ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତକ୍ଷକାନ୍ତି ବଳିୟାର ସିଂହ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଆଲିଶ ପଟେଲ, ରାଜେଶ ସେଠ, ଧୀରଜ ରୋଶନ ପଧାନ, ମନବୋଧ ବଗର୍ତ୍ତି, ସମୀର କିଷାନ, କିଙ୍କନ ନାଏକଙ୍କ ସମେତ ଜିଲ୍ଲା ପାଠାଗାରର ବହୁ ପାଠକ ଓ ପାଠିକା ଉପସ୍ଥିତ ଥିଲେ।

## ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ : କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ରୁ ସମୃଦ୍ଧି' ପରିକଳ୍ପନାକୁ ଆଗେଇ ନେଇ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ନେତୃତ୍ୱରେ, ଦେଶର ସମବାୟ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଆଧୁନିକ, ସ୍ୱଚ୍ଛ, ସୁରକ୍ଷିତ ଏବଂ ପ୍ରତିଯୋଗୀ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମୁମ୍ବାଇର 'ବମ୍ବେ ଷ୍ଟକ ବିନିମୟ' ଆନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରଠାରେ 'ସହକାର ନବ-କ୍ରାନ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି, କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ, ସହରୀ ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ସୁରକ୍ଷା ପରିଚାଳନା କେନ୍ଦ୍ର ଏବଂ ସାରା ଦେଶ ପାଇଁ ମୂଳ ବ୍ୟାଙ୍କିଙ୍ଗ ଓ ସମ୍ବନ୍ଧିତ ସେବାଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏହି ଅବସରରେ 'ଏନ.ୟୁ.ସି.ଏଫ.ଡି.ସି.' ଏବଂ ଜାତୀୟ ନ୍ୟାୟିକ ବିଜ୍ଞାନ ବିଶ୍ୱ ବିଦ୍ୟାଳୟ (ଏନ.ଏଫ.ଏସ.ୟୁ.) ମଧ୍ୟରେ ଏକ ବୁଝାମଣାପତ୍ର ଆଦାନପ୍ରଦାନ ହୋଇଥିଲା। ଏହା ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ମୁମ୍ବାଇର ଫୋର୍ଟ ଅଞ୍ଚଳସ୍ଥିତ ଶାରଦା ସଦନଠାରେ 'ଏନ.ୟୁ.ସି.ଏଫ.ଡି.ସି.'ର ନୂତନ କାର୍ଯ୍ୟାଳୟ ପରିସରକୁ ଉଦଘାଟନ କରିଥିଲେ।

ଏହି 'ସହକାର ନବ-କ୍ରାନ୍ତି' କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନାଭିସ, ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ଏକନାଥ ସିନ୍ଦେ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୃଷଣ ପାଲ ଗୁର୍ଜର, କେନ୍ଦ୍ର ସମବାୟ ଓ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୁରଲୀଧର ମୋହୋଲ, ମହାରାଷ୍ଟ୍ରର ସମବାୟ ମନ୍ତ୍ରୀ ଶ୍ରୀ ବାବାସାହେବ ପାଟିଲ, ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରୀ ଶ୍ରୀ ଜୟକୁମାର ରାୱଲ, ଶ୍ରୀ ଆଶିଷ ଶେଲାର, ସମବାୟ ମନ୍ତ୍ରଣାଳୟର ସଚିବ ଶ୍ରୀ ଆଶିଷ କୁମାର ଭୁତାନୀ, 'ଏନ.ୟୁ.ସି. ଏଫ.ଡି.ସି.'ର ଅଧକ୍ଷ ଶ୍ରୀ ଜ୍ୟୋତୀନ୍ଦ୍ର ମେହେଟ୍ଟା, ବିଭିନ୍ନ ରାଜ୍ୟର ସହରୀ ସମବାୟ ବ୍ୟାଙ୍କ ସଂଘର ପ୍ରତିନିଧି ଏବଂ ଦେଶସାରା ସହରୀ ସମବାୟ ବ୍ୟାଙ୍କ ସହ ଜଡ଼ିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ସହରୀ ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ବହୁ ପ୍ରତୀକ୍ଷିତ ଛତା ସଂଗଠନ ଏବେ ଭାରତୀୟ ରୋଜଗାର ବ୍ୟାଙ୍କର ସ୍ୱୀକୃତି, ପର୍ଯ୍ୟାପ୍ତ ପୁଞ୍ଜି ଏବଂ ନୂତନ କାର୍ଯ୍ୟାଳୟ ସହିତ ବାସ୍ତବତାରେ ପରିଣତ ହୋଇଛି। ଶ୍ରୀ ଅମିତ ଶାହ କହିଥିଲେ ଯେ ଏହି କାର୍ଯ୍ୟକ୍ରମର ସ୍ଥାନର ଏକ ସ୍ୱତନ୍ତ୍ର ଐତିହାସିକ ଗୁରୁତ୍ୱ ରହିଛି।

## ଜିଲ୍ଲା ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଜିଲ୍ଲାପାଳ



ଝାରସୁଗୁଡା( ନି ପ୍ର )- ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ସାର୍ବାଙ୍ଗୀନ ବିକାଶ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ଶିକ୍ଷଣ ଫଳାଫଳ ଏବଂ 'ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ' ର ସୁଧାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଶେଷକରି ଦଶମ ଶ୍ରେଣୀ ମେଟ୍ରିକ୍ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ଆହୁରି ଉନ୍ନତ କରିବା ପାଇଁ ଜିଲ୍ଲାପାଳ ବିଶେଷ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ 'ଉନ୍ମେଷ' କାର୍ଯ୍ୟକ୍ରମ ମାଧ୍ୟମରେ ମନୋନୀତ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୬ ଜଣ A1 Grade (୯୦% ରୁ ଅଧିକ ମାର୍କ) ରଖି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଏହି ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ୧୦୦ ବଦଳରେ ୨୦୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଉନ୍ମେଷ' କାର୍ଯ୍ୟକ୍ରମରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଚୟନ ପ୍ରକ୍ରିୟା ପାଇଁ ଆସନ୍ତା ଜୁଲାଇ ୨୮ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୯ମ ଶ୍ରେଣୀ ପରୀକ୍ଷାରେ ୬୦% କିମ୍ବା ତା'ରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହା ବ୍ୟତୀତ ପ୍ରାଥମିକ ଶିକ୍ଷା ସ୍ତରରେ ସୁଧାର ଆଣିବା ପାଇଁ 'ଉଦିଆଁ ତାରା' କାର୍ଯ୍ୟକ୍ରମର ମଧ ବିଶେଷ ସମୀକ୍ଷା କରାଯାଇଥିଲା । ପାଠପଢ଼ାରେ ପଛୁଆ ଥିବା ଶିକ୍ଷାର୍ଥୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷଣ ସ୍ତରରେ ଅଧିକ ଉନ୍ନତି ଆଣିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସମସ୍ତ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସ୍କୁଲରୁ ଡ୍ରପଆଉଟ୍ (ଅଧାରୁ ସ୍କୁଲ ଛାଡୁଥିବା ଛାତ୍ରଛାତ୍ରୀ) ହାର ସମ୍ପୂର୍ଣ୍ଣ କମାଇବା ଏବଂ ପ୍ରୌଢ଼ ଶିକ୍ଷାକୁ ବ୍ୟାପକ କରିବା ପାଇଁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଜିଲ୍ଲାର ୫୦,୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ତୁରନ୍ତ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### 'ଉନ୍ମେଷ' କାର୍ଯ୍ୟକ୍ରମରେ ସାମିଲ ହେବେ ୨୦୦ ଛାତ୍ରଛାତ୍ରୀ

### 'ଉଲ୍ଲାସ' କାର୍ଯ୍ୟକ୍ରମରେ ସାମିଲ ହେବ ୫୦,୦୦୦ ରୁ ଉର୍ଦ୍ଧ୍ୱ

## 'ଜ୍ଞାନ ଭାରତମ୍' ଅଭିଯାନରେ ସାମିଲ ହେବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ଝାରସୁଗୁଡା( ନି ପ୍ର ) : ଭାରତର ଅମୂଲ୍ୟ ଜ୍ଞାନ ପରମ୍ପରାକୁ ସୁରକ୍ଷିତ ରଖିବା ଏବଂ ପୁରାତନ ହାତଲେଖା ତଥା ପାଣ୍ଡୁଲିପିର ଐତିହ୍ୟକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ 'ଜ୍ଞାନ ଭାରତମ୍' ନାମକ ଏକ ଜାତୀୟ ଅଭିଯାନ ଆରମ୍ଭ କରାଯାଇଛି।ଏହି ଅଭିଯାନ ଅଧୀନରେ ଦେଶର ବିଭିନ୍ନ ସ୍ଥାନରେ ବ୍ୟକ୍ତିଗତ କିମ୍ବା ଅନ୍ୟାନ୍ୟ ସଂସ୍ଥାରେ ସଂରକ୍ଷିତ ଜ୍ଞାନପଯୋଗୀ ଓ ଶିକ୍ଷାବର୍ଦ୍ଧକ ବିଷୟବସ୍ତୁ ସମ୍ବଳିତ ପୁରାତନ ହାତଲେଖା, ପାଣ୍ଡୁଲିପି, ତାଳପତ୍ର ପୋଥି ଓ ଅନ୍ୟାନ୍ୟ ଐତିହ୍ୟ ସମ୍ପଦକୁ ଚିହ୍ନଟ କରି ସେଗୁଡ଼ିକର ବୈଜ୍ଞାନିକ ସର୍ବେକ୍ଷଣ, ତଥ୍ୟ ସଂରକ୍ଷଣ (ଡକ୍ୟୁମେଣ୍ଟେସନ୍) ଏବଂ ଡିଜିଟାଲାଇଜେସନ୍ କରାଯିବ। ଏହା ସହିତ ଏକ ଜାତୀୟ ଡିଜିଟାଲ ଭଣ୍ଡାର ସୃଷ୍ଟି କରାଯାଇ ଗବେଷଣା, ଶିକ୍ଷା ଓ ସାଧାରଣ ଜନସାଧାରଣଙ୍କ ଉପଯୋଗ ପାଇଁ ଏହି ଅମୂଲ୍ୟ ଜ୍ଞାନଭଣ୍ଡାରକୁ ଉପଲବ୍ଧ କରାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ପାଣ୍ଡିତ୍ୟ ଓ ବୈଷୟିକ ଉଦ୍ଭାବନର ସମନ୍ୱୟ ସ୍ଥାପନ କରି ଦେଶର ଐତିହ୍ୟବାହୀ ଜ୍ଞାନ ସମ୍ପଦକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ କରିବାକୁ ଲକ୍ଷ୍ୟ ରଖାଯାଇଛି।ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲାର ସହୃଦୟ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ଗବେଷକ ଏବଂ ସାଧାରଣ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ଯେ, ସେମାନଙ୍କ ନିକଟରେ ଯଦି କୌଣସି ପୁରାତନ ପାଣ୍ଡୁଲିପି, ତାଳପତ୍ର ପୋଥି, ହସ୍ତଲିପି କିମ୍ବା ଏଭଳି ଐତିହ୍ୟବାହୀ ଜ୍ଞାନ ସମ୍ପଦ ସଂରକ୍ଷିତ ଥାଏ, ତେବେ ସେଗୁଡ଼ିକର ସୁରକ୍ଷିତ ସଂରକ୍ଷଣ ଓ ଡକ୍ୟୁମେଣ୍ଟେସନ୍ ପାଇଁ ଜିଲ୍ଲା ପ୍ରଶାସନକୁ ସହଯୋଗ କରନ୍ତୁ।ଏଥିସହିତ ଏଭଳି ପାଣ୍ଡୁଲିପି, ତାଳପତ୍ର ପୋଥି କିମ୍ବା ପୁରାତନ ହସ୍ତଲିପି ସମ୍ପର୍କରେ ତଥ୍ୟ ଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଜନସାଧାରଣଙ୍କ ସହଯୋଗ ଦ୍ୱାରା ଏହି ଅମୂଲ୍ୟ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ସମ୍ଭବ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ବାୟୁ ପ୍ରଦୂଷଣକାରୀ ଟ୍ରକ୍‌କୁ ଜରିମାନା

ଝାରସୁଗୁଡା( ନି ପ୍ର )- ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚହ୍ୱାଣ ଙ୍କ ନିର୍ଦ୍ଦେଶକ୍ରମେ ଯାନବାହନରୁ ନିର୍ଗତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇଥିଲା।ଏହି ଯାଞ୍ଚ ସମୟରେ ଏକ ଟ୍ରକ୍‌ରୁ ଅତ୍ୟଧିକ ପରିମାଣର ବାୟୁ ପ୍ରଦୂଷଣକାରୀ ଧୂଆଁ ନିର୍ଗମନ ହେଉଥିବା ଦେଖାଯାଇଥିଲା। ଫଳରେ ମୋଟର ଯାନ ଆଇନ, ୧୯୮୮ର ଧାରା ୧୭୭ (ସାଧାରଣ ଅପରାଧ) ଏବଂ ଧାରା ୧୯୦(୨) ଅନୁଯାୟୀ ପ୍ରଦୂଷଣ ମାନଦଣ୍ଡ ଉଲ୍ଲଂଘନ ପାଇଁ ୧୦,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ସମସ୍ତ ଯାନବାହାନର ମାଲିକ ଓ ଚାଳକମାନଙ୍କୁ ନିଜ ଯାନର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (PUC) ବୈଧ ରଖିବା ସହ ନିର୍ଦ୍ଧାରିତ ବାୟୁ ପ୍ରଦୂଷଣ ମାନଦଣ୍ଡ ପାଳନ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଭଳି ଯାଞ୍ଚ ଓ ପ୍ରବର୍ତ୍ତନ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ




ଭୁବନେଶ୍ୱର :କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ୧୩ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ନୂଆଦିଲ୍ଲୀ ମନୋହର ପାରିକର ପ୍ରତିରକ୍ଷା ଅଧ୍ୟୟନ ଏବଂ ଆନାଲିସିସ୍ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ସୁଜନ ଚିନୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦଳଗତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଭୁବନେଶ୍ୱରକୁ ଏକ ବିଶାଳ ଶିକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ପ୍ରଶଂସନୀୟ। ଅଚ୍ୟୁତଙ୍କ ଜୀବନରେ ସରଳତା, ଉଚ୍ଚ ମୂଲ୍ୟବୋଧ, ଦର୍ଶନ, କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ। ଗୋଟିଏ ରଥ ଯେପରି ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ରଥ ଚାଲିବା ପାଇଁ ଚାରୋଟି ଚକ ଆବଶ୍ୟକ। ସେହିପରି ତୁମେ ସମସ୍ତେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏକାଠି ହେବା ଉଚିତ। ଛାତ୍ରଛାତ୍ରୀମାନେ ଯାହା ସବୁ କାମ କରିବେ ତା ଉପରେ ଦେଶର ପ୍ରଗତି ନିର୍ଭର କରିବ। ଦେଶର ପରିବର୍ତ୍ତନ ଆଣିବାକୁ ହେଲେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗକୁ ଧୈର୍ଯ୍ୟର ସହ ବିଚାର କରିବାକୁ ହେବ।

ଜାତିସଂଘ ଉପରେ ସୂଚନା ଦେଇ ସୁଜନ କହିଲେ, ଜାତିସଂଘ ପ୍ରତିଷ୍ଠା ହେବାପରେ ଏହାର ସୁରକ୍ଷା ପରିଷଦକୁ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏଥିରେ ଆହୁରି ଅନେକ ସଂସ୍କାର ଆଣିବାର ଅବଶ୍ୟକତା ଅଛି। ଛାତ୍ରଛାତ୍ରୀମାନେ ଆଜି ଯେଉଁ ଶିକ୍ଷା ଅର୍ଜନ କରନ୍ତି ତାହା ସେମାନଙ୍କୁ ଅଧିକ ବିନମ୍ର ତଥା ସମାଜରେ ଯୋଗଦାନ ଦେବା ପାଇଁ ସକ୍ଷମ କରାଇଥାଏ। ସେ କହିଲେ, ଗଣତାନ୍ତ୍ରିକ ଶକ୍ତି, ଇ-ଜ୍ଞାନ ସମ୍ଭାବନା, ବର୍ଦ୍ଧିତ ସାମରିକ କ୍ଷମତା, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ କ୍ଷେତ୍ରରେ ଭାରତର ଭୂମିକା ସାଂପ୍ରତିକ ବର୍ଷଗୁଡ଼ିକରେ ମଜବୁତ ହୋଇଛି। ଆମେ ଜଳବାୟୁ ପରିବର୍ତ୍ତନ, ସବୁଜ ପରିବର୍ତ୍ତନ, ଖାଦ୍ୟ ଏବଂ ଶକ୍ତି ସୁରକ୍ଷା ସମେତ ପ୍ରମୁଖ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ସମୁହ ସହ ଏକାଠି କାମ କରିବାକୁ ଭାରତ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ।

ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀମାନେ ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ତୁମେମାନେ ନିଜ ପ୍ରତି ଭଲ ହେବାକୁ ଚେଷ୍ଟା କର ଓ ସମାଜ ପ୍ରତି ଭଲ ହେବାକୁ ଚେଷ୍ଟା କର। ତୁମେ ଯେତେ ବଡ଼ ହେଲେ ମଧ ନିଜେ ଭଲ ହେଲେ ଦେଶକୁ ସକାରାତ୍ମକ ଭାବରେ ପରିବର୍ତ୍ତନ କରିପାରିବ।

# ସମାଧାନ ଖୋଜିବାର ସାହସ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଆହ୍ୱାନଗୁଡ଼ିକ ସୁଯୋଗରେ ପରିଣତ ହୋଇଥାଏ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, (ପିଆଇବି):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଛନ୍ତି। ଏହି ଉତ୍ସବର ଗଭୀର ଭାବନାତ୍ମକ ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କ୍ୟାମ୍ପସର ଜୀବନ୍ତ ଓ ସ୍ୱପ୍ନଭରା ପରିବେଶକୁ ମନେ ପକାଇଥିଲେ। କୋଭିଡ୍ ମହାମାରୀ ସମୟରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା କଥା ସ୍ମରଣ କରି, ଗ୍ରାଜୁଏଟ୍ ହେଉଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଶାରୀରିକ ଭାବେ ଉପସ୍ଥିତ ରହିବା ନେଇ ସେ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, 'ଆଜି ଏହି କ୍ୟାମ୍ପସରେ ଆପଣମାନଙ୍କ ସହ ଏହି ଅତୁଳନୀୟ ଅନୁଭୂତି ବାଣ୍ଟିବା ମୋ ପାଇଁ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର।"

ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ଐତିହାସିକ ଶୈକ୍ଷିକ ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କ ଡିଗ୍ରୀ କେବଳ ଶୈକ୍ଷିକ ସଫଳତାର ପ୍ରତୀକ ନୁହେଁ, ବରଂ ଦେଶ ପାଇଁ ଅବଦାନ ରଖିବାର ଏକ ଦାୟିତ୍ୱ ମଧ୍ୟ। ସେ ପଦକ ବିଜେତାମାନଙ୍କୁ ଅତ୍ୟନ୍ତ ପ୍ରଶଂସା କରିବା ସହ ପ୍ରତିଷ୍ଠାନରେ ନୂତନ ଏଆଇ ପଦକ୍ଷେପର ଶୁଭାରମ୍ଭକୁ ସ୍ୱାଗତ କରିଛନ୍ତି। "ଆପଣମାନେ ଦେଶ ପାଇଁ ବହୁତ କିଛି କରିବାର ସ୍ୱପ୍ନ ନେଇ ଏଠାରୁ ବାହାରକୁ ପାଦ ଦେଉଛନ୍ତି" ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଛାତ୍ରଛାତ୍ରୀଙ୍କ ଦ୍ରୁତ ଓ ରୋମାଞ୍ଚକର ଯାତ୍ରା ବିଷୟରେ ଦର୍ଶାଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଓରିଏଣ୍ଟେସନ୍ ଦିବସରୁ ସମାବର୍ତ୍ତନ ଦିବସ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରାକୁ ସ୍ପଷ୍ଟ ଭାବେ ସ୍ମରଣ କରିଛନ୍ତି। ପ୍ରଥମ ଦରମା ପାଇବା ଏବଂ ଷ୍ଟାର୍ଟଅପ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ ଆକାଂକ୍ଷା ସେମାନଙ୍କ ମନକୁ ପରିପୂର୍ଣ୍ଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। "ଏହି ଅସାଧାରଣ ଯାତ୍ରା ଏବଂ ଜୀବନର ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ କରିବାର ଉତ୍ସାହରୁ ଆପଣମାନେ ନିଶ୍ଚିତ ଭାବେ ଅପାର ସନ୍ତୋଷ ପାଇବେ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନର ମୁହୂର୍ତ୍ତଗୁଡ଼ିକୁ ଗଭୀର ଭାବେ ଉପଭୋଗ କରିବାକୁ ଉତ୍ସାହିତ କରି ପ୍ରଧାନମନ୍ତ୍ରୀ ହାସ୍ୟରସର ସହିତ କ୍ୟାମ୍ପସର ପ୍ରିୟ ସ୍ମୃତିଗୁଡ଼ିକର ଉଲ୍ଲେଖ କରିଛନ୍ତି। ଏଥିରେ କୁମାଉନ୍, ଆରା, କାରା, ବିନ୍ଧ୍ୟ, ନୀଳଗିରି, କୈଳାସ ଓ ହିମାଦ୍ରି ଭଳି ହଷ୍ଟେଲଗୁଡ଼ିକ ମଧ୍ୟରେ ହେଉଥିବା ପ୍ରତିଦ୍ୱନ୍ଦ୍ୱିତା ସହିତ ଜିଆ ସରାଇର ପୋହା ଏବଂ ସତପୁରା ମେସ୍ର ପରଟା ଭଳି ସ୍ଥାନୀୟ ପ୍ରିୟ ଖାଦ୍ୟର ସ୍ମୃତି ମଧ୍ୟ ସାମିଲ ରହିଛି। "ଆଗାମୀ ଦିନରେ ଯେତେବେଳେ ଆପଣମାନଙ୍କ ଉପରେ ବଡ଼ ବଡ଼ ଦାୟିତ୍ୱ ରହିବ, ସେତେବେଳେ ଏହି ସ୍ଥାନର ସ୍ମୃତି ନିଶ୍ଚିତ ଭାବେ ଆପଣମାନଙ୍କୁ ଶକ୍ତି ପ୍ରଦାନ କରିବ" ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି।ପ୍ରତିଷ୍ଠାନର ସହାୟତା ବ୍ୟବସ୍ଥା ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ପ୍ରଧାନମନ୍ତ୍ରୀ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସହପାଠୀ, ପ୍ରଫେସର, ପରାମର୍ଶଦାତା ଓ ସହାୟକ କର୍ମଚାରୀମାନଙ୍କୁ ଜୀବନର ଅମୂଲ୍ୟ ସମ୍ପଦ ଭାବେ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଏହି ସମସ୍ତ ବ୍ୟକ୍ତି ସେମାନଙ୍କ ପାଇଁ ଏକ ପରିବାର ଭଳି ହୋଇଯାଇଥିବା ସେ ସ୍ୱିକାର କରିଛନ୍ତି। "ଆପଣମାନଙ୍କ ଭବିଷ୍ୟତର ପ୍ରତ୍ୟେକ ସଫଳତାରେ ଆପଣମାନେ ଏହି ସମସ୍ତ ବ୍ୟକ୍ତିଙ୍କୁ ଗଭୀର ଭାବେ ମନେ ପକାଇବେ ଏବଂ ସେମାନଙ୍କ ପ୍ରତି କୃତଜ୍ଞ ରହିବେ" ବୋଲି ଶ୍ରୀ ମୋଦୀ କହିଛନ୍ତି।

## ତୃତୀୟଲିଙ୍ଗୀଙ୍କୁ ସମାଜରେ ସମାନ ସୁଯୋଗ ଦିଆଯିବ: ମନ୍ତ୍ରୀ ନିତ୍ୟାନନ୍ଦ



ଭୁବନେଶ୍ୱର : ତୃତୀୟଲିଙ୍ଗୀ ବ୍ୟକ୍ତିମାନଙ୍କର ଅଧିକାର, ସୁରକ୍ଷା ଓ ଆତ୍ମସମ୍ମାନକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଆଜି ନବଗଠିତ 'ଓଡ଼ିଶା ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ'ର ପ୍ରଥମ ବୈଠକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସମାଜରେ ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ଶ୍ରୀମତୀ ପାରୁଲ ପଟୱାରୀ, ଅତିରିକ୍ତ ସଚିବ ଶ୍ରୀମତୀ ସୋନିଆ ବେହେରା, ଅତିରିକ୍ତ ସଚିବ ଶ୍ରୀ ଦୀପକ ରାଉତରାଇଙ୍କ ସମେତ ବଲାଙ୍ଗୀର ଜିଲ୍ଲାର ପ୍ରତିନିଧି ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଟି.ଜି. ସୁରକ୍ଷା ଟ୍ରଷ୍ଟ, ବାଲୁଗାଁର 'ଚେତନା' ଅନୁଷ୍ଠାନ ଏବଂ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇ ନିଜର ପ୍ରସ୍ତାବ ରଖିଥିଲେ।

## ସ୍ୱୟଂ ସହାୟିକା ଗୋଷ୍ଠୀ ଗ୍ରାମୀଣ ଅର୍ଥନୀତିର ଏକ ସୁଦୃଢ଼ ଭିତ୍ତି: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟିଠାରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର-ସହ-ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ କେବଳ ମହିଳାଙ୍କ ଆର୍ଥିକ ସଶକ୍ତିକରଣର ମାଧ୍ୟମ ନୁହେଁ, ବରଂ ଗ୍ରାମୀଣ ଅର୍ଥନୀତିର ଏକ ସୁଦୃଢ଼ ଭିତ୍ତି। ମହିଳା ପରିଚାଳିତ ଉଦ୍ୟୋଗଗୁଡ଼ିକର ଗୁଣାତ୍ମକ ବିକାଶ, ବଜାର ସଂଯୋଗ, ଦକ୍ଷତା ବିକାଶ ଓ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ସେମାନଙ୍କ ଆୟ ବୃଦ୍ଧି କରି ଆତ୍ମନିର୍ଭର କରାଇବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ଅଂଶୀଦାରମାନଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜୀବିକା କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରାଯିବା ସହ କ୍ଷେତ୍ରସ୍ତରର ଅଭିଜ୍ଞତା, ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜୀବିକା କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ, ମହିଳା ପରିଚାଳିତ ଉଦ୍ୟୋଗର ବିକାଶ ଏବଂ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ସିଧାସଳଖ ଡିବିଟି ମାଧ୍ୟମରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲାପ୍ରଶାସନକୁ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କ ନିର୍ଦ୍ଦେଶ






ଭୁବନେଶ୍ୱର: ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ବନ୍ୟା କ୍ଷୟକ୍ଷତି ଆକଳନ ସମ୍ପର୍କରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି । କ୍ଷୟକ୍ଷତି ଆକଳନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରାୟ ପ୍ରଭାବିତ ଜିଲ୍ଲାମାନଙ୍କର ରିପୋର୍ଟ ଇତିମଧ୍ୟରେ ରାଜ୍ୟସରକାରଙ୍କ ହସ୍ତଗତ ହୋଇଛି ; ତେବେ କିଛି ଜିଲ୍ଲାରେ ସମ୍ପୂର୍ଣ୍ଣ ରୂପେ ବନ୍ୟାଜଳ ପ୍ରଭାବ ହ୍ରାସ ହୋଇନଥିବାରୁ ପରିସ୍ଥିତିରେ ସୁଧାର ଆସିବା ପରେ ଯଥାଶୀଘ୍ର ସେ ସମସ୍ତ ଜିଲ୍ଲାର ରିପୋର୍ଟ ପଠାଇବାକୁ ସମ୍ପୃକ୍ତ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲାପ୍ରଶାସନ ଏବଂ ପ୍ରଭାବିତ ଅଞ୍ଚଳର ବିଡିଓ, ତହସିଲଦାରମାନଙ୍କ ସହ ମଧ୍ୟ କ୍ଷୟକ୍ଷତି ଆକଳନ ଏବଂ କ୍ଷତିପୂରଣ ବଣ୍ଟନ ସମ୍ପର୍କରେ ପଚାରି ବୁଝିବା ସହ ବିଶଦ ଆଲୋଚନା କରିଥିଲେ । କ୍ଷୟକ୍ଷତି ଆକଳନ ଚୂଡାନ୍ତ ରିପୋର୍ଟ ପ୍ରଦାନ ସହ କ୍ଷତିପୂରଣ ପ୍ରଦାନ ତ୍ୱରାନିତ କରିବାକୁ ମାନ୍ୟବର ମନ୍ତ୍ରୀ ସମସ୍ତ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦୁଃସ୍ଥିତିଜନିତ ଦେଶାନ୍ତର ରୋକିବ ମିଶନ ଶକ୍ତି ବିଭାଗର 'ପ୍ରୋଜେକ୍ଟ ବ୍ଲେସ୍': ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ




ଭୁବନେଶ୍ୱର : ଲୋକସେବା ଭବନସ୍ଥିତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମିଶନ ଶକ୍ତି ବିଭାଗ, ସେଣ୍ଟର ଫର ରିସର୍ଚ୍ଚ ଇନ୍ ସ୍କିମ୍ସ ଆଣ୍ଡ ପଲିସିସ୍ ଏବଂ ଏନ୍.ଏସ୍ଇ ଫାଉଣ୍ଡେସନ୍ ମଧ୍ୟରେ "ଦୁଃସ୍ଥିତିଜନିତ ଦେଶାନ୍ତର ରୋକିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ବ୍ଲେସ୍' କାର୍ଯ୍ୟକାରୀ କରିବା ନିମନ୍ତେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଶ୍ରୀମତୀ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଜୀବିକା ମିଶନ ସହଯୋଗରେ ଏହି ତିନିବର୍ଷିଆ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଦେଶାନ୍ତର ପୂର୍ବରୁ ସମ୍ଭାବ୍ୟ ପରିବାରମାନଙ୍କୁ ଚିହ୍ନଟ କରି ସେମାନଙ୍କର ଜୀବିକା, ଦକ୍ଷତା ବିକାଶ, ଆର୍ଥିକ ସେବା ଓ ସରକାରୀ ଯୋଜନା ସହ ସଂଯୋଗ ସୁନିଶ୍ଚିତ କରି ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶାନ୍ତରର ମୂଳ କାରଣଗୁଡ଼ିକୁ ପୂର୍ବରୁ ଚିହ୍ନଟ କରି ସମାଧାନ କରାଯିବ।

## ଶିଶୁଙ୍କ ପୋଷଣ ମାପ ପାଇଁ ଆରମ୍ଭ ହେବ ଏଆଇ-ଭିତ୍ତିକ ସିଷ୍ଟମ୍ :ଶାସନ ସଚିବ ଡ. ମୃଣାଳିନୀ



ଭୁବନେଶ୍ୱର : ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛୋଟ ଶିଶୁ ଓ ସେମାନଙ୍କ ପିତାମାତା ଅଂଶଗ୍ରହଣ କରିଥିଲେ।ଏହି ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଅଧ୍ୟକ୍ଷତା କରିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡ. ଦର୍ଶୱାଲ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ କହିଥିଲେ ଯେ, ମା' କ୍ଷୀର ଶିଶୁ ପାଇଁ ପ୍ରଥମ ଟିକା ଏବଂ ସବୁଠାରୁ ପୌଷ୍ଟିକ ଆହାର। ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା, ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଜାରି ରଖିବା ଏବଂ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ସହ ଅନ୍ୟାନ୍ୟ ପୋଷକ ଆହାର ଦେବା ଆବଶ୍ୟକ। ଶିଶୁର ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶରେ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ସୂଚାଇଥିଲେ।

ଗ୍ଲୋବାଲ ଅଣ-ଲାଭଦାୟକ ପ୍ରଯୁକ୍ତିବିଦ୍ୟା ସଂସ୍ଥା 'ୱାଧୱାନୀ ଫାଉଣ୍ଡେସନ୍'ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏକ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସମାଧାନର ପ୍ରଦର୍ଶନ କରିଥିଲେ। ଏହି ପ୍ରଯୁକ୍ତି ମାଧ୍ୟମରେ ମୋବାଇଲ୍ ଫୋନ୍ ଭିଡିଓ ଦ୍ୱାରା ଶିଶୁର ଓଜନ, ଉଚ୍ଚତା, ମୁଣ୍ଡର ପରିଧି, ଛାତିର ପରିଧି ଏବଂ ହାତର ଉପରି ଭାଗର ପରିଧି ମାପ କରାଯାଇପାରିବ।

## ଚୀନ ଓ ଇରାନ ଦେଶର ପ୍ରତିନିଧିଙ୍କ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ



ଭୁବନେଶ୍ୱର : ଭୁବନେଶ୍ୱରରେ ଆୟୋଜିତ ହେଉଥିବା ବ୍ରିକ୍ସ ଶିକ୍ଷା ସମ୍ମିଳନୀରେ ଯୋଗଦେଇଥିବା ଚୀନ ଓ ଇରାନ ଦେଶର ପ୍ରତିନିଧି ମଣ୍ଡଳୀ ନିକଟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ଼. ଭାରତୀ ପାଲ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଓଡ଼ିଶାର ସମୃଦ୍ଧ ଇତିହାସ, ଐତିହ୍ୟ, ସ୍ଥାପତ୍ୟ, ସାହିତ୍ୟ, କଳା ଓ ସଂସ୍କୃତି ସମ୍ବନ୍ଧରେ ଚୀନ ଓ ଇରାନ ଦେଶର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ।ପ୍ରତିନିଧିମାନେ ସଂଗ୍ରହାଳୟରେ ଥିବା ପ୍ରତ୍ନତତ୍ତ୍ୱ, ତାଳପତ୍ର ପୋଥି, ଲିପିତତ୍ତ୍ୱ, ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚାରୁ ଓ କାରୁକଳା, ଅନୁଭବ ଐତିହ୍ୟ ଗ୍ୟାଲେରୀ ଆଦିକୁ ବୁଲି ଦେଖିଥିଲେ। ଏଥିସହ ଓଡ଼ିଶାର ପ୍ରତ୍ନତତ୍ତ୍ୱ ଏବଂ ବୌଦ୍ଧ ଓ ଜୈନ ଧର୍ମ ସମ୍ବନ୍ଧିତ କୀର୍ତ୍ତିରାଜିର ଭୂୟସୀ ପ୍ରଶଂସା କରିଥିଲେ।

ଏହି ଅବସରରେ ଚୀନ ଓ ଇରାନ ଦେଶର ପ୍ରତିନିଧିମାନଙ୍କୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ 'ଟାଇମ୍‌ଲେସ ଟେଲ୍' ଶୀର୍ଷକ ଏକ ପୁସ୍ତକ (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ବନ୍ଧିତ ବିବରଣୀ ପୁସ୍ତକ) ପ୍ରଦାନ କରାଯାଇଥିଲା।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଫେରାଇ ଅଣାଯାଉ: ବିଜେଡ଼ି




ଭୁବନେଶ୍ୱର :ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି । ଏହି ବିବାଦ ଏବେ ଛାତ୍ରଙ୍କ ଆନ୍ଦୋଳନ ସମେତ ଶିକ୍ଷକ ମାନେ ଆନ୍ଦୋଳନ ଜାରି ରଖିଛନ୍ତି । ବିଶ୍ୱବିଦ୍ୟାଳୟ ଶିକ୍ଷକ ମାନେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଯାହାକୁ ନେଇ ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ଉପରେ ବର୍ଷିଛନ୍ତି ।

ଡ. ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅସହାୟତା ସମସ୍ତଙ୍କୁ ଚକିତ କରିଛି । ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡନ ରବିଉଲ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ ।

## 'ପୌର ପ୍ରଶାସନର ପୁନର୍ବିଚାର' ଉପରେ ଜ୍ଞାନ ବିନିମୟ କାର୍ଯ୍ୟକ୍ରମ



ଭୁବନେଶ୍ୱର : ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ପୌର ପ୍ରଶାସନକୁ ଅଧିକ ଦକ୍ଷ, ଉତ୍ତରଦାୟୀ ଓ ଜନକେନ୍ଦ୍ରିକ କରିବା ସହ ପ୍ରମାଣଭିତ୍ତିକ ନୀତି ପ୍ରଣୟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ପୌର ପ୍ରଶାସନର ପୁନର୍ବିଚାର: କିଛି ପ୍ରତିଫଳନ' ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା।

ଖାରବେଳ ଭବନ ଅଷ୍ଟମ ମହଲା ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ନେଦରଲ୍ୟାଣ୍ଡସ୍‌ର ଲେଡେନ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରଳୟ କାନୁନଗୋ ଅଧିବେଶନରେ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶ୍ୱର ବିଭିନ୍ନ ଦେଶର ପୌର ପ୍ରଶାସନ ବ୍ୟବସ୍ଥା ଓ ସମସାମୟିକ ଅଭିଜ୍ଞତାକୁ ଉପସ୍ଥାପନ କରି ସେ କହିଥିଲେ ଯେ, ନାଗରିକଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି ପୌର ସଂସ୍ଥାଗୁଡ଼ିକୁ ଅଧିକ ଉତ୍ତରଦାୟୀ ଓ ଭବିଷ୍ୟତମୁଖୀ କରାଯାଇପାରିଲେ ସହରାଞ୍ଚଳରେ ସେବା ପ୍ରଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ନାଗରିକଙ୍କ ଜୀବନମାନରେ ଉଲ୍ଲେଖନୀୟ ଉନ୍ନତି ଆସିପାରିବ ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍ସିତା ପତି